






# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।

କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧିପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

## ପୁରାଣ କାହାଣୀ

## ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

## ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳିଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

## ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟବନ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ





ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷୀୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରସାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚହାନ୍ତି ତେବେ, ସ୍ମୋମିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

## କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାରୀ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ସାହିତ୍ୟ ଦର୍ପଣ



## ମରୁଝର



ସୁଦର୍ଶନ ମହାପାତ୍ର

ଅଗ୍ନିବୀର ଚାକିରୀରେ ଯୋଗ ଦେବାକୁ ଯାଇ ଅସଫଳ ହୋଇଥିଲା ସୁଶାନ୍ତ ଏବଂ ଉଦାସ ମନରେ ଫେରୁଥିଲା ଟ୍ରେନରେ। ଏଇ ଚାକିରୀ ପାଇଁ ଯୋଗ୍ୟତା ହାସଲ କରିବାକୁ ଥିବା ପରୀ।। ଦେବା ପାଇଁ ତା'ର ସହରକୁ ଯିବାର ଥିଲା। ହେଲେ ଆବଶ୍ୟକୀୟ ଟଙ୍କା ତା' ବାପାଙ୍କ ପାଖରେ ନଥିଲା ବୋଲି ଶେଷକୁ ଦୁଇଟି ଛେଳି ବିକ୍ରି କରିବାକୁ ବାଧ୍ୟ ହୋଇଥିଲେ। ଯୋଗାଡିଥିବା ପଇସା ବାଟେ ବାଟେ ଖର୍ଚ୍ଚ ହୋଇ ଯାଇଥିଲା ସିନା, ଚାକିରୀ ଖଣ୍ଡିକ ସୁଶାନ୍ତର ହାତଛଡ଼ା ହୋଇ ଯାଇଥିଲା।

ପାଖ ସିଟ୍ ରେ ବସିଥିବା ସୁକୁମାର ବାବୁ ଏସବୁ କଥା ସୁଶାନ୍ତ ଠାରୁ ଶୁଣି ନିଜେ ଦୀର୍ଘଶ୍ୱାସ ପକେଇଥିଲେ ଏବଂ ତାକୁ ପ୍ରବୋଧନା ଦେଇଥିଲେ।

-' ଆଛା, ମୋର ଜଣେ ବନ୍ଧୁ ରେଲୱେରେ ଉଚ୍ଚ ପଦବୀରେ ଅଛନ୍ତି। ସେ ଚାହିଁଲେ ତୁମ ଚାକିରି ନିଶ୍ଚୟ ହୋଇଯିବ। ହେଲେ ଚାକିରୀ କରାଇଦେବା ପାଇଁ, ସେ କିଛି ଟଙ୍କା ନିଅନ୍ତି। ଏଣେ ତୁମର ତ ପଇସା ଅଭାବ। ତଥାପି ତ୍ୱେ ଯଦି ପଚାଶ ହଜାର ଟ୍ଟ ଅନ୍ତତଃ ଯୋଗାଡ କରି ପାରିବ, ମୋତେ କଣ୍ଟାକ୍ଟ କରିବ । ମୁଁ ନିଶ୍ଚୟ ତୁମ ପାଇଁ ଚେଷ୍ଟା କରିବି।

ଆଶାର ଝଲକଟିଏ ଖେଳିଗଲା ସୁଶାନ୍ତ ମନରେ। ଘରକୁ ଫେରି ବାପା ମା ଙ୍କୁ ବୁଝାଇ ସୁଝାଇ, ଜମି ଖଣ୍ଡିକ ବନ୍ଧା ପକାଇ ପଚାଶ ହଜାର ଟଙ୍କା ଯୋଗାଡ କଲା।

ସୁକୁମାର ବାବୁ ଙ୍କ କହିବା ମୁତାବକ ସୁଶାନ୍ତ ପହଞ୍ଚିଲା କୋଲକାତାରେ। ସେଇଠୁ ଯାଇ ରହିଲା ନିର୍ଦ୍ଦେଶିତ ହୋଟେଲ ରେ। ସନ୍ଧ୍ୟା କୁ ଯାଇଁ ଆସିଲେ ସୁକୁମାର ବାବୁ। ପରଦିନ ରେଲୱେ ଅଫିସରଙ୍କ ସହିତ ସା।।ତ ପାଇଁ ଅପେ।।ରେ ରହିଲା ସୁଶାନ୍ତ।

ସେଇ ଶୁଭ ମୁହୂର୍ତ୍ତ ଆସିଲା। ଅଫିସରଙ୍କ ସହିତ ଦେଖା ହେଲା ସୁଶାନ୍ତର । ସୁକୁମାର ବାବୁ ବଙ୍ଗଳା ଭାଷାରେ କ'ଣ ସବୁ କଥାବାର୍ତ୍ତା ହେଲେ ତାଙ୍କ ସହିତ। ଟଙ୍କା ନେଇ କିଛି ଆଲୋଚନା ହେଉଥିଲା ବୋଲି ସୁଶାନ୍ତ ବୁଝି ପାରୁଥିଲା। ସୁକୁମାର ବାବୁ ଟଙ୍କାତକ ତା' ହାତରୁ ନେଇ ତାକୁ ବାହାରେ ବସିବାକୁ କହିଲେ।ଏତେ କମ୍ ଟଙ୍କାରେ ଅଫିସର କାଳେ ରାଜି ହେବେନି ବୋଲି ଆଶଙ୍କା ମନରେ ଥିଲା ସୁଶାନ୍ତ। ହେଲେ ଚାମ୍ବର ଭିତରୁ ହସହସ ମୁହଁରେ ବାହାରିଲେ ସୁକୁମାର ବାବୁ।

-' ବହୁ କଷ୍ଟରେ ରାଜି ହୋଇଗଲେ ସାହେବ। ତୁମେ ହୋଟେଲ କୁ ଚାଲ। ମୁଁ ତୁମ ପଛେ ପଛେ ଯାଉଛି।'

ଖୁସି ମନରେ ସୁଶାନ୍ତ ଫେରିଲା ହୋଟେଲ ରୁମକୁ । ଦିନ ଯାଇ ରାତି ହେଲା ପଛେ ସୁକୁମାର ବାବୁ ଫେରିଲେ ନାହିଁ । ମୋବାଇଲ ବି ସୁଇଚ୍ ଅଫ୍। ପରଦିନ ସକାଳ ସେମିତି କଟିଲା। ପୁଣି ସଞ୍ଜ ହେଲା। ସୁଶାନ୍ତ ପାଖରେ ବେଶୀ ଟଙ୍କା ବି ନାହିଁ। କାଲି ଠୁ କିଛି ଖାଇ ନଥିଲା ସେ ।

ଦେହ ହେମାଳ ହେମାଳ ହୋଇ ଯାଉଥିଲା ସୁଶାନ୍ତର। ତା'ର ସବୁ ମାଂସପେଶୀ ଆଉ ଶିରା ପ୍ରଶିରା କ୍ରମେ ଶିଥିଳ ହୋଇ ପଡୁଥିଲା। ସେ କେଉଁଠି ଅଛି, କ'ଣ କରିବାକୁ ଆସିଛି, ଏକଥାର ଆଉ ତାତ୍ପର୍ଯ୍ୟ ନଥିଲା। କେବଳ ଅନୁଭବ କରୁଥିଲା ଯେ ସେ ଗୋଟିଏ ଯନ୍ତ୍ରଣା ଦଗ୍ଧ ସ୍ରୋତରେ ଭାସୁଛି । ହାତଗୋଡ ଛାଟୁଛି, ବେସାହାରା ପାଲଟି ଯାଇଛି ।

ତାଲା ପଡିନଥିବା ସୁକୁମାର ବାବୁଙ୍କ ସୁଟକେଶକୁ ଉଠାଇ ଆଣି ଖୋଲିଲା ସୁଶାନ୍ତ।ହଲେ ପୁରୁଣା ପଞ୍ଜାବୀ,ଟୁଥ ବ୍ରସ,ପେଷ୍ଟ, ଗାମୁଛା ଖଣ୍ଡେ ଏବଂ ବୟସ୍କ ଙ୍କ ପାଇଁ ଉଦ୍ଦିଷ୍ଟ ବଙ୍ଗଳା ଭାଷାର ବହିଟିଏ।

ନିରୁପାୟ ହୋଇ ଚଟାଣ ଉପରେ ଲଥ କରି ବସି ପଡିଲା ସୁଶାନ୍ତ। ସତେକି ଧସକି ପଡିବ ତା'ର ହୃତପିଣ୍ଡ ! ପଚାଶ ହଜାର ଟଙ୍କା! କିଛି କମ୍ କଥା ନୁହେଁ। ଅସଂଖ୍ୟ କୋହ ତାକୁ ଚିପୁଡି ପକେଇ ଆକ୍ରାମାକ୍ରା କରି ଦେଉଥିଲେ....!

ଏତିକି ବେଳକୁ କଲିଂ ବେଲ୍ ବାଜିଲା । ଝାଉଁଳି ପଡିଥିବା ଆଶାଟି କଅଁଳି ଉଠିଲା ତତ୍ । ଶାତ।ଆସିଗଲେ କି ସୁକୁମାର ବାବୁ ?କହିବେ ଆସି ଏବେ - 'ମୁଁ ଦୁଃଖ। ଗୋଟିଏ ଜରୁରୀ କାମରେ ଚାଲି ଯାଇଥିଲି। ଖରାପ ଭାବିବ ନାହିଁ। ' ହସି ହସି ଧରାଇଦେବେ ମୋ ହାତକୁ ନିଯୁକ୍ତି ପତ୍ର...!!!

ହେଲେ ସେମିତି କିଛି ହେଲାନି।

ଦୁଆର ଖୋଲିଲା ମାତ୍ରେ ଓ୍ୱେଟର ଆସିଲା ଏବଂ ପାଞ୍ଚ ହଜାର କୋଡିଏ ଟଙ୍କାର ବିଲ୍ ବଢାଇଦେଲା ସଂଭ୍ରମତାର ସହିତ। ସୁଶାନ୍ତ ପକେଟରେ ଏବେ ମାତ୍ର ଶହେ ତିରିଶ ଟଙ୍କା, ଆଉ କିଛି ରେଜା ପଇସା, ହାତରେ ଘଣ୍ଟା ଆଉ ସେ ନିଜେ।

ମ୍ୟାନେଜରଙ୍କ ସାମ୍ନାରେ କାନ୍ଦି ପକେଇଲା ସୁଶାନ୍ତ। ମ୍ୟାନେଜରଙ୍କ ହୃଦୟ ତରଳିବାର ନାଁ ନେଉନଥିଲା। ଏତିକି ବେଳକୁ ମନେ ପଡିଲା ସାଙ୍ଗ ବିକାଶର କଥା।ତା ବାପା ରହନ୍ତି କଲିକତାରେ। ବିକାଶର ନମ୍ବର ଲଗାଇଲା। ନିରର୍ଥକ..! ନମ୍ବର ଭୁଲ ବୋଲି ବୁଝିପାରିଲା। ଏବେ କରେ କ'ଣ ?

ସଂଜ ହୋଇଗଲା।ପେଟରେ ଦାନା ପଡିନାହିଁ। ଅଳ୍ପ କିଛି ସମ୍ବଳ ହାତରେ। ଘରକୁ ଫେରିବାର ବାଟ ନାହିଁ।ଏ ବିପଦରୁ ଯେମିତି ନିସ୍ତାର ନାହିଁ...!!!

ମ୍ୟାନେଜର ବାବୁ ସୁଶାନ୍ତକୁ ନେଇ ଠିଆ କରେଇଲେ ହୋଟେଲ ମାଲିକଙ୍କ ସାମ୍ନାରେ। ଛାତିରୁ କୋହ ଉଠୁଥିଲା। ବହୁ କଷ୍ଟରେ କୋଟୋଟି ପ୍ରଶ୍ନର ଉତ୍ତର ଦେଇପାରିଲା ସେ।ଲଥ କରି ବସି ପଡିଲା ମାଲିକଙ୍କ ପାଦତଳେ। ଚାରିଆଡ ଅନ୍ଧାର ଦିଶିଲା। ତା'ର ଆଉ କିଛି ମନେ ନାହିଁ। ପରଦିନ ସକାଳକୁ ନିଜକୁ ଆବିଷ୍କାର କଲା ହସ୍ପିଟାଲରେ।

ମ୍ୟାନେଜର ବାବୁ ଠିଆ ହୋଇଥିଲେ ତା' ସାମ୍ନାରେ।ହସ ହସ ମୁହଁ। ସୁଶାନ୍ତ ଆଖିରେ କିନ୍ତୁ ଅଜସ୍ର ଲୁହ...!

' ସୁଶାନ୍ତ ତୁମେ ଇଛାକଲେ ଏଇ ହୋଟେଲରେ ସୁପରିଭାଇଜର ଚାକିରୀରେ ଯୋଗ ଦେଇପାର। ଦରମା ମାସକୁ ତିରିଶ ହଜାର ଟଙ୍କା। ଏବେ ସବୁ ତୁମ ଉପରେ ନିର୍ଭର। ନଚେତ୍ ତୁମ ଘରକୁ ଯିବାର ବନ୍ଦୋବସ୍ତ କରିଦେବି। ମୁଁ ଓଡ଼ିଶାର ଲୋକ। ତୁମ ପାଇଁ ଏତିକି ସୁବିଧା ଯୋଗାଡ କରିପାରିଛି । ମୋ ନାଁ ଆଶୁତୋଷ ମିଶ୍ର।'

ଆଃ..! ଧ୍ୱାନ୍ତ ଧୂମାଳ ମରୀଚିକାରେ ମରୁଝର ର ସନ୍ଧାନ !

ସୁଶାନ୍ତ ଆଖିରେ ସେପର୍ଯ୍ୟନ୍ତ ଢଳଢଳ ହେଉଥିବା ଲୁହ ଏଥର ଥପଥପ ହୋଇ ଖସିପଡିଲା ତଳକୁ....!!!!

କୁଞ୍ଜବିହାରୀ ଲେନ, କଟକ

## ଶ୍ରମିକର ଅନ୍ତଃସ୍ୱର

ଆଦ୍ୟାଶା ମହାପାତ୍ର



ବିଧାତା ଲେଖିଛି
ଭାଗ୍ୟଟି ମୋହର
ଶ୍ରମ ଏକା ମୋର ସାହା
ରକତ କୁ ପାଣି କରି ଦିନ ରାତି
ଚଳାଏ ଜୀବନ ନାଆ ॥
ଯନ୍ତ୍ରଣା ମୋହର ଚିର ସହଚର
ଦୁଃଖ ମୋର ଚିରସାଥୀ
ଲହୁ ଲୁହ ପିଇ ପେଟ
ମୁଁ ଭରଇ
ସୁଖ ସ୍ୱପ୍ନ ଦେଖେ ନିତି ॥
ଦାଦନ ରୂପରେ ପାଏ ହତାଦର
ହୁଏ କେତେ ନିର୍ଯାତିତ
ସ୍ୱାଧିନ ଦେଶରେ ପରାଧିନ ମୁହିଁ
ଜୀବନ ମୋ ବିପର୍ଯ୍ୟସ୍ତ ॥
ଗଢଇ ମୁଁ କେତେ କଳ କାରଖାନା
ନଭଶ୍ଚୁମ୍ବୀ ଅଟ୍ଟାଳିକା
ମୁଣ୍ଡ ଗୁଞ୍ଜିବାକୁ ନାହିଁ ମୋର ଘର
ଅସ୍ଥାୟୀ ମୋର ଜୀବିକା ॥
ଶୋଷିତ ମୁଁ ଏଠି
ଖଟେ କା'ର ବେଠି
ବଞ୍ଚେ ? ମୁହିଁ ମରିମରି
ନିଜ ଶବକୁ ମୁଁ ନିଜ କାନ୍ଧ ? ବୋହି
ଆୟୁଷ କୁ ଦିଏ ସାରି ॥
ପ୍ରାଣ କଣ୍ଠାଗତ
ହେଲେ ବି ସରେନା
ଜୀବନ ସଂଗ୍ରାମ ମୋର
ଶ୍ରମିକ ଟିଏ ମୁଁ ତୁମରି ସେବାରେ
ଲୋଡେ ପ୍ରୀତି ଉପଚାର ॥

ନୂଆପଡା, କଟକ

## କୁଟୁରୁ କୁଟୁ କୁଟୁରୁ କୁଟୁ

ସୁନୀଲ କୁମାର ପ୍ରଧାନ



କୁଟୁରୁ କୁଟୁ କୁଟୁରୁ କୁଟୁ
କାହିଁରେ ମୁନା ପାଠ ନ ପଢୁ
ପାଠରେ ରଖିଲେ ମନ
ଅରଜିବୁ ତୁହି ଧନ ।
କୁଟୁରୁ କୁଟୁ କୁଟୁରୁ କୁଟୁ
ବିଦ୍ୟାଳୟ ଯିବ ଆମ ମିଟୁ
ଅବୁଝା ନକର ମନ
କରୁଥା ତୁ ଅଧ୍ୟୟନ ।
କୁଟୁରୁ କୁଟୁ କୁଟୁରୁ କୁଟୁ
ବାପା ମା ଆମ ପ୍ରଥମ ଗୁରୁ
ତାହାଙ୍କୁ ପ୍ରଣାମ ହେବୁ
ପାଠରେ ତୁ ମନ ଦେବୁ ।
କୁଟୁରୁ କୁଟୁ କୁଟୁରୁ କୁଟୁ
ଭଲ କଥା ତୁ ସଦା ଶୁଣିବୁ
ବଡ଼ଙ୍କ ସେବା କରିବୁ
ବହୁତ ଯଶ ପାଇବୁ ।
କୁଟୁରୁ କୁଟୁ କୁଟୁରୁ କୁଟୁ
ପାଠକୁ ତୁହି ନହୁଡ ମିଟୁ
ଅଟଇ ଅମୂଲ୍ୟ ଧନ
ପାଇବୁ ଅନେକ ମାନ ।

ଝାଟିପଦର,ପାଲୁର,ଗଞ୍ଜାମ
ମୋ - ୭୬୦୯୯୩୪୩୬୬

## ଆଜିର ଗଣତନ୍ତ୍ର


ଜଗଦୀଶ ପଣ୍ଡା

ଗଣଙ୍କ ଶାସନ ଏ ଗଣତନ୍ତ୍ର
ଗଣଙ୍କ ଭଲେ ସୃଷ୍ଟି ଏହି ତନ୍ତ୍ର।।
ଶାସନ ନାମରେ ଏଠି ମିଛ ପ୍ରଚାର
ନ୍ୟାୟ ବିପକ୍ଷରେ ଅନ୍ୟାୟ ବିଚାର।।
ରାଜତନ୍ତ୍ର ବଦଳେ ସୃଷ୍ଟି ଗଣତନ୍ତ୍ର
ରାଜୁତି ହୁଏ ଏଠି ପ୍ରୋପାଗଣ୍ଡାଙ୍କର।।
ଉକୁଣୀ ହୋଇ ଶୋଷନ୍ତି ରକ୍ତ ମୁଣ୍ଡର
ସେହିମାନଙ୍କୁ ଦେଲୁ ଆମେ ହିଁ ପାୱାର।।
ଦେହେ ଲଗାନ୍ତି ଏଠି ସାଧୁ ଅତର
କାମ କରନ୍ତି ସେମାନେ ଯେହ୍ନେ କୁକୁର।।
ଭୋଟ ସମୟେ କରନ୍ତି ଭଲ ବେଭାର
ପାଦ ତଳେ ପଡି କରନ୍ତି ଆହେ ଜୁହାର।।
ପଇସା ଦେଇ କିଣନ୍ତି
ସେମାନେ ଭୋଟର
ରାତି ଅଧରେ ବାଟନ୍ତି ସେ ସୁରାସାର।।
ଭୋଟ ସରିଲେ ଦେଖାନ୍ତି ରୂପ ଅସଲ
ବିପଦେ ପକାଇ କରନ୍ତି କଳବଲ।।
ଏପରି ଦସା ଆଜି ଏ ଗଣତନ୍ତ୍ର
ରାଜୁତି ଚାଲେ ପରା ପ୍ରୋପାଗଣ୍ଡାଙ୍କର।।
କିଛି କହିବାକୁ ନାହିଁ ଆମ ଅଧିକାର
ସେହିମାନଙ୍କୁ ଦେଲୁ ଆମେ ହିଁ ପାୱାର।।

ଅଲାଡିଗାଁ, ଗଂଜାମ

## ସ୍ୱପ୍ନର ଆରପଟେ

ସୁଧାକର ରାଉତ



ଅତୀତର ମୂକ ସାକ୍ଷୀ ତୁମେ
ଦିନ ଥିଲା ତୁମେ ବାସୁଥିଲ ମହମହ
ଅସୁମାରୀ ତରଙ୍ଗରେ
ପ୍ଲାବିତ କରୁଥିଲ
ଶୁଷ୍କ ବେଳାଭୂମି ହୃଦୟର ।
ଆଉନାହିଁ ସେଦିନ
ବର୍ତ୍ତମାନ ଟା କରି ତା ମୁଖ ବ୍ୟାଦାନ
ସେ ସବୁକୁ ଗର୍ଭରେ
ତା କରିଛି ବିଲୀନ ।
ଏବେ ପାଉଁଶ ଭିତରେ
ଖୋଜା ଚାଲିଛି
ସେଦିନର ସ୍ୱପ୍ନ ।
ତୁମ ଶିଥିଳ ତନୁରେ ଶୁଭେ
ବିରହ ବ୍ୟଥାର ଗୀତି ।
ସର୍ବହରା ,ବୁଭୁକ୍ଷୁ ଜନତାର
ନିଥର ହାତ ମୁଠାରୁ
ଖସି ପଡୁଥିବା ତୁମର ବିଭୂତି ।
ତୁମେ ତ ଦିନେ ଆସିଥିଲ
ଅମୃତ ସନ୍ତାନ ପାଇଁ
ଅମୃତ ର ଭାଣ୍ଡ ନେଇ
କାନରେ ନୂତନ ତ୍ୱର ମନ୍ତ୍ରରେ
ଅଭିଷିକ୍ତ କରାଇ ।
ଆଉ ମୁମୂର୍ଷୁ ପ୍ରାଣରେ
ଜୀବନ ସତ୍ତା ସଂଚାର ର
ପ୍ରତିବଦ୍ଧତା ନେଇ ।
ଏବେ ସମାନ ହୋଇଛି
ସକାଳ ଓ ଖରାବେଳ ।
ସ୍ୱପ୍ନ ମାନେ ଘୁଙ୍ଗୁଡ଼ି ମାରନ୍ତି
ନମାନି ବେଳ ଅବେଳ ।
ଅବିଶ୍ୱାସର ଅତଡା ଖାଇ ଖାଇ
ଆଉ ଦିଶେ ନାହିଁ କୂଳ ।
ତଥାପି ପ୍ରବହମାନ
ବର୍ତ୍ତମାନରେ ସଭିଏଁ ସବୁଭୁଲି
ସମୁଦ୍ରରୁ ଖୋଜନ୍ତି
ଅସୁମାରୀ ଆନନ୍ଦ ପ୍ରବାଳ ।

ପ୍ରତାପ ନଗରୀ, କଟକ
ମୋ - ୭୨୪୯୯୩୨୭୯୨

## ଜୀବନର ସଂଜ୍ଞା

ରତ୍ନକାନ୍ତି ମିଶ୍ର



ଜୀବନଟା ସତେ ସମୟର ଖେଳ
କେବେ ଖରା କେବେ ଛାଇ
କେବେ ସେ ଫଗୁଣ କେବେ
ସେ ନିଦାଘ
ନିଦାରୁଣ ତପ୍ତ ଭୂଇଁ ॥
କେବେ ପୁଣି ସିଏ ମଧୁ ପାର୍ବଣର
ଖୁସିର ପସରାଟିଏ
କେବେ ଶ୍ରାବଣର ସ୍ରୋତସ୍ୱିନୀ ନଈ
ଅସୀମ ଯାତନା ଦିଏ ॥
କେବେ ଦରପୋଡା ହୃଦୟଟିଏ ସେ
ସ୍ୱପ୍ନର ଜୁଇରେ ଜଳେ
ସମୟକୁ ମାଗେ ସ୍ୱୀକୃତି ସ୍ୱାକ୍ଷର
ମୁଠାଏ ପାଉଁଶ ତଳେ ॥
ଜୀବନଟା କେବେ ଏକାନ୍ତବୋଧରେ
ଶୂନ୍ୟତାର ସମାରୋହ
ନିଃସ୍ୱ ନିରାଶରେ ଛନ୍ଦି ହେଉଥିବା
ଅଡୁଆ ସୂତାର ଖିଅ ॥
ଜନ୍ମ ଠୁ ମରଣ ଜୀବନ ଅବଧି
ସୁଖ ଦୁଃଖ ସମାହାର
ଭୋଗିବାକୁ ପଡେ ରାତି ଦିନ ପରି
ଅଛି କିବା ଗତ୍ୟନ୍ତର ॥

ଆଳି, କେନ୍ଦ୍ରାପଡା

## ହଜିଲା ଦିନ

ନିରଞ୍ଜନ ସାହୁ



ମନେପଡେ ଯେବେ ହଜିଲା ଅତୀତ
ମନଟା ପଛକୁ ଫେରେ
ଅତୀତର ସ୍ମୃତି ଘଟଣା ପ୍ରବାହ
ଚାରିଦିଗୁ ଆସି ଘେରେ ।
ହେତୁ ହେବାଯାଏ ଆ ଫେରିଯାଏ
ଦିଶେ ସବୁ ଜଳଜଳ
ସ୍ମୃତି ଝରଣାରୁ ଝର ଝରିଆସି
ହେଉଥାନ୍ତି କଳକଳ
କେତେକେତେ ସ୍ମୃତି ଝାପ୍ସାଝାପ୍ସା ଆସି
ଦିଶିଥାନ୍ତି ଭେରେଭେରେ ।
କେତେ ମିଠା ସ୍ମୃତି ଆନନ୍ଦ ଦିଅଇ
କେତେ ଭରିଦିଏ ଲୁହ
କେତେ ସ୍ମୃତି ପୁଣି ଅବୁଝା ଲାଗଇ
କିଏ ବୁଝାଇବ କୁହ
କେତେ ସ୍ମୃତି ସାଜେ ମହାଦ୍ରୁମ ପୁଣି
କେତେ ସ୍ମୃତି ଦୁବକେରେ ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ - ୭୫୯୦୧୬

## ଭଲ ପିଲା ହେଲା



ବିଜୟ କୁମାର ଛାଟୋଇ

ସବୁଦିନ ପରି ଯେଯେମା' ଟୁକୁନିକୁ ଦୁଷ୍ଟ ପିଲାଙ୍କ ଗପ ଶୁଣାନ୍ତି। ସେଇ ଗପ ନ ଶୁଣିଲେ ଆଖିକୁ ତାର ନିଦ ଆସେନି। ଟୁକୁନି ସେଦିନ ସଅଳ ଭାତ ଖାଇ ଯେଯେମା'ଙ୍କ ପାଖରେ ହାଜର। ଯେଯେମା' ! ଆଜି କଣ ଗପ କହିବନି କି ? ଯେଯେମା ' ଗପ କହିବାକୁ ପ୍ରସ୍ତୁତ ହୋଇ ଆରମ୍ଭ କଲେ । କହିଲେ.... ଜ୍ୟେଷ୍ଠ ମାସ ଉଦୁଉଦିଆ ଖରାବେଳ ଲୋକମାନେ ବାହାରକୁ ବାହାରିପାରୁ ନ ଥାନ୍ତି । ଗରମ ଗରମ ଝାଞ୍ଜି ପବନ ବି ବହୁଥାଏ । ସକାଳୁଆ ସ୍କୁଲ୍ ହେବାପାଇଁ ସରକାର ଘୋଷଣା କରିଥାନ୍ତି। ଲୋକେ ବାହାରକୁ ଗଲେ ଓଦା ଗାମୁଛା ମୁଣ୍ଡରେ ପକାଇ ହାତରେ ଛତା ଓ ପାଣି ବୋତଲକୁ ସାଥିରେ ନିଅନ୍ତି । ପାଦରେ ଚପଲ ପିନ୍ଧିବାକୁ କେହି ଭୁଲନ୍ତି ନାହିଁ । ନିଇତି ସକାଳୁ ପିଲାମାନେ ସ୍କୁଲକୁ ବାହାରି ଯାଆନ୍ତି। ଝିଲମ ଓ ଟୁଗୁଲା ମଧ୍ୟ ସ୍କୁଲ୍ କୁ ସକାଳୁ ଯାଇ ଫେରି ଆସିଥାଆନ୍ତି। ଖରାର ତାପ ବଢ଼ିବଢ଼ି ଆସୁଥିବାରୁ ଝିଲମର ବୋଉ ଝିଲମକୁ କହିଲେ - ପୁଅରେ ! ବହିବସ୍ତାନିତକ ଥୋଇ ହାତଗୋଡ଼କୁ ଧୋଇ ଆସ । ମୁଁ ଭାତ ବାଢୁଛି । ଝିଲମକୁ ଭାରି ଭୋକ ଲାଗୁଥିବାରୁ ବୋଉଙ୍କ କଥାକୁ ଟାଳି ନ ପାରି ଖାଇଲା । ବାପା ମଧ୍ୟ ଡାକି କହିଲେ ଖାଇଦେଇ ମୋ ପାଖରେ ଶୋଇପଡ଼। ଏ ସମୟରେ ବାହାରେ ବୁଲିଲେ ଅଂଶୁଘାତ ହେବାର ବହୁତ ସମ୍ଭାବନା ଅଛି । କିନ୍ତୁ ଝିଲମ କାହାରି କଥା ନ ଶୁଣି ଟୁଗୁଲା ଘରକୁ ଧାଇଁଲା । ଭୟ ଭ୍ରାନ୍ତି ବୋଲି ତାର କିଛି ନ ଥାଏ। ଗୋଟିଏ ପୁଅ ବୋଲି ସମସ୍ତଙ୍କର ନୟନ ତାରା ସେ। ସେଥିପାଇଁ ସ୍ନେହରେ କେହି କିଛି ତାକୁ ରାଗରେ କହି ପାରନ୍ତି ନାହିଁ । ଭଲରେ ବୁଝାଇଲେ ବି ବୁଝିବା ପିଲା ସେ ନୁହଁ ।ଏବେ ଠାରୁ ଏତେ ଦୁଷ୍ଟ ହେଲେ ବଡ଼ବେଳକୁ ତାର ପରିଣତି ଭଲ ହେବନି ବୋଲି ଗାଁ ଲୋକେ କୁହାବୋଲା ହୁଅନ୍ତି । କିଏ ସିନା ଭଲ କାମକରି ନାଁ ଅର୍ଜନ କରେ କିନ୍ତୁ ଝିଲମ ଦୁଷ୍ଟ ଓ ବଦମାସ୍ କାମ କରି ନାଁ ପକାଇ ଦିଏ । ଝିଲମର ଆଗଦୁଆରି ଟୁଗୁଲାର ଘର । ଝିଲମ ଟୁଗୁଲାକୁ ଡାକିଡାକି ତାଙ୍କ ଘର ଭିତରକୁ ପଶିଗଲା। ସେତେବେଳେକୁ ଟୁଗୁଲା ଖାଦ୍ୟ ଖାଇସାରି ବାସନ ଧୋଉଥାଏ। ଟୁଗୁଲାର ବାସନମାଜିବା ଦେଖି ଝିଲମ ମନଦୁଃଖରେ କହିଲା - ଟୁଗୁଲା ! ତୁ କାହିଁକି ବାସନ ମାଜୁଛୁ ମାଉସୀ (ଟୁଗୁଲାର ବୋଉ) କଣ ଘରେ ନାହାନ୍ତି ? ଟୁଗୁଲା କହିଲା - ନାଇଁ ରେ ! ମୋ ବୋଉ ଘରେ ଅଛି । ଏଇ ଖରାକୁ ତାର ମୁଣ୍ଡ ଘୁରାଇଲା ତେଣୁ ଟିକିଏ ବିଶ୍ରାମ କରୁଛି । ଘରକାମରେ ବୋଉକୁ ଟିକିଏ ସାହାଯ୍ୟ ନ କଲେ ମୋତେ ଭଲଲାଗି ନ ଥାଏ । ସେଥିପାଇଁ ମୁଁ ବୋଉକୁ ବିଶ୍ରାମ ନେବାପାଇଁ କହି ଏମିତି ବେଳେବେଳେ ସାହାଯ୍ୟ କରିଦିଏ। ଏତିକିବେଳେ ଘରଭିତରୁ ଟୁଗୁଲା ବୋଉଙ୍କ ପାଟି ଶୁଭିଲା । ସେ ଧିର ସ୍ୱରରେ ଟୁଗୁଲାକୁ ଡାକି କହିଲେ - ଟୁଗୁଲୁରେ ମୋତେ ପାଣି ଆଣି ଦେଲୁ ପିଇବି । ଟୁଗୁଲା ସାଥିସାଥି ପିଇବା ପାଣି ନେଇ ଦେଲା। ପାଣି ପିଇଦେଇ ଟିକିଏ ଆଶ୍ୱସ୍ତ ହେବାରୁ ସେ ଶୋଇକରି ଆଖି ଖୋଲିଲା ବେଳକୁ ଝିଲମକୁ ଦେଖିଲେ। ଏତେବଡ଼ ଖରାରେ ଘରେ ନ ରହି ବାହାରେ ବୁଲିଲେ ବଡ଼ ଅସୁବିଧା ହେବ । କାଉଠୁ କୋଇଲି ଯାଏ ସମସ୍ତେ ଗଛ ଛାଇରେ ବସନ୍ତି । କେହି ବି ନିଜ ବସାରୁ କୁଆଡ଼ିକୁ ଯାଆନ୍ତିନି। ଘରେ ତୁ କଣ ବାପାବୋଉଙ୍କ କଥା ମାନୁନାହୁଁ କି ! ବଡମାନଙ୍କ କଥା ନ ମାନିଲେ ବିପଦ କେତେବେଳେ ଘନେଇ ଆସିବ ସେକଥା କହିହେବ ନାହିଁ । ଏକଥା ଟୁଗୁଲାକୁ ଭାରି ବାଧିଲା । ଟୁଗୁଲା ବୋଉକୁ କହିଲା - ବୋଉ ! ତୁ ଝିଲମକୁ ଏପରି କାଇଁ କହୁଛୁ ତାର ମନଦୁଃଖ ହେବ। ସେ ଆଉ ମୋପାଖକୁ ଆସିବନି। ଟୁଗୁଲାର କଥାଶୁଣି ତା' ବୋଉ କହିଲେ ପୁଅରେ ! ତୁ କାହିଁକି ବାପାମାଆଙ୍କ କଥା ମାନୁଛୁ ଝିଲମ ସାଥିରେ ଯାଇ ବାହାରେ ବୁଲୁନୁ ! ଏତିକି କଥା ଶୁଣି ଝିଲମ କାନ୍ଦିବାକୁ ଲାଗିଲା। ଝିଲମର କାନ୍ଦ ଦେଖି ଟୁଗୁଲା ବି ଜୋରରେ କାନ୍ଦିଲା । ତାରି ଭିତରେ ଝିଲମ ଅନୁତାପ କରୁଥାଏ ମୁଁ ଯଦି ବୋଉବାପାଙ୍କ କଥା ମାନି ଶୋଇଥାନ୍ତି ତେବେ ଆଜି ମୋତେ ଏତେକଥା ଶୁଣିବାକୁ ପଡ଼ି ନ ଥାନ୍ତା। ସେ ମନେମନେ ଟୁଗୁଲା ଉପରେ ଖସିହୋଇ କହୁଥାଏ ମୁଁ ନିଶ୍ଚୟ ଟୁଗୁଲା ପରି ବାପାମାଆଙ୍କ ସେବା କରିବି ଆଉ ଦୁଷ୍ଟ ହେବିନି। ସେତେବେଳେକୁ ଖରା ଶୀତଳ ହୋଇ ଆସିଲାଣି।

ଝିଲମ କେଉଁ ଆଡେ ଯାଇଛି ବୋଲି ତାର ବୋଉ ବାଡ଼ିତଳ ବରଗଛ , ଗାଁ ମୁଣ୍ଡ ପୋଲାଙ୍ଗ ତୋଟା ସବୁ ଖୋଜି ଆସିଲେଣି। ଟୁଗୁଲା ଘରକୁ ଖୋଜିବା କେବଳ ବାକିଥାଏ। କିନ୍ତୁ କୁଆଡେ ଝିଲମ ନ ଥିବାରୁ କାନ୍ଦି କାନ୍ଦି ଘରକୁ ଫେରୁଥାଆନ୍ତି ଝିଲମର ବୋଉ । ଝିଲମ ବୋଉର କାନ୍ଦ ଶୁଣି ଟୁଗୁଲା, ଟୁଗୁଲାର ବୋଉ ଓ ଝିଲମ ସମସ୍ତେ ଘର ବାହାରକୁ ଆସିଲେ। ଦେଖିଲେ ଝିଲମ ବୋଉ କାନ୍ଦୁଛନ୍ତି। ଟୁଗୁଲା ବୋଉ ଝିଲମ ବୋଉକୁ କହିଲେ ଝିଲମ କେତେବେଳୁ ଆସି ଆମଘରେ ଅଛି । ଘରେ ନ କହି ଆସିଥିବାରୁ ମନଦୁଃଖ କରୁଥିଲା । ସେ ପୁଅକୁ ପାଇ ଝିଲମ ବୋଉଙ୍କ ମୁଣ୍ଡରେ ଚେତା ପଶିଲା। ନିଜ ପିଲାଙ୍କ ପାଇଁ ବାପାବୋଉ କେତେ ଯେ ବିକଳ ହୁଅନ୍ତି ସେକଥାକୁ ଝିଲମ ସେଦିନ ବୁଝିସାରିଥାଏ।

ତା'ପର ଦିନ ସକାଳୁ ଝିଲମ ଉଠି ନିଜର ପାଠକାମ ସାରି ବୋଉଙ୍କ ଠାରୁ ଅନୁମତି ଆଣି ସ୍କୁଲ୍ କୁ ବାହାରିଲା। ଟୁଗୁଲା ମଧ୍ୟ ତା ବୋଉକୁ କହି ଝିଲମ ସାଥିରେ ଗଲା । ସେ ଆଉ ପୂର୍ବପରି ଦୁଷ୍ଟାମି ନ କରି ଭଲପିଲା ହୋଇଗଲା। କଣ ଶୁଣିଲୁ ତ ଗପ ! ସେତେବେଳେ କୁ ଟୁକୁନି ଆଖିକୁ ନିଦ ଆସିଯାଇଥିଲେ ବି ଗପଟିକୁ ସବୁ ଶୁଣି ଓ ବୁଝି ତାର ସାରକଥାକୁ ଯେଯେମା'ଙ୍କ ଆଗରେ କହିଲା - 'ଆମେ ଯଦି ବାପାବୋଉଙ୍କ କଥାକୁ ମାନିବା ନିଶ୍ଚୟ ଭଲମଣିଷ ହେବା।'

ସମ୍ପାଦକ, ପ୍ରଚାରକ ଅନନ୍ତ ମିଶ୍ର
ସ୍ମୃତି ପରିଷଦ ଓଡ଼ିଶା, ସତ୍ୟବାଦୀ
ମୋ - ୮୫୯୯୮୩୮୫୯୭

## ଷ୍ଟାଇଲିସ ଆକ୍ଟର ଚନ୍ଦନଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର

ବାବୁ ଆଇ ଲଭ ଇଉ ଫିଲ୍ମ ରୁ କାରୀୟର ଆରମ୍ଭ କରିଥିବା ଷ୍ଟାଇଲିସ ଆକ୍ଟର ଚନ୍ଦନ କର ଏକାଧାରା ରେ ଜଣେ ଇଞ୍ଜିନିୟର ଓ ଅଭିନେତା,ତାଙ୍କ ବଳିଷ୍ଠ ଅଭିନୟ ଦର୍ଶକ ଙ୍କ ମନରେ ଏକ ନିଆରା ଛାପ ଦେଇଥାଏ, ନାୟକ ଓ ଖଳନାୟକ ଅନ୍ୟ ସବୁ ବଳିଷ୍ଠ ଭୂମିକା କୁ ସେ ଅତି ନିଖୁଣ ଭାବେ ଲିଭାଇ ଥାନ୍ତି।



ଉପସ୍ଥାପନା :
ବୁବୁନ୍ କୁମାର ପଣ୍ଡା

ପ୍ରଶ୍ନ- ଷ୍ଟାଇଲିସ ଆକ୍ଟର ଚନ୍ଦନ କର, ବାବୁ ଆଇ ଲଭ ଇଉ ଫିଲ୍ମ ଜରିଆରେ ହିରୋ ହୋଇ ଦର୍ଶକ ଙ୍କ ମନ ଜିଣିଲେ, ତା ପରେ ହିରୋ ଧାରା ରୁ ବିରତି ନେଲେ କଣ ପାଇଁ ?

ଉତ୍ତର- ଦେଖନ୍ତୁ ମୁଁ ଯେମିତି ଆଗରୁ



ବି କହିଛି, ଯେହେତୁ ମୁଁ ଗୋଟେ ଆଇ.ଟି ପ୍ରଫେସନ ରେ ଅଛି, ମତେ ସବୁବେଳେ ସମୟ କାଢ଼ିବା କଷ୍ଟକର ହୋଇଥାଏ।ଫିଲ୍ମ ଆଉ ପ୍ରଫେସନ ଦୁଇଟି ଯାକ ସନ୍ତୁଳନ କରି ଚାଲିବାକୁ ପଡେ, କେଉଁ ଫିଲ୍ମ କରିବି ସେଥିପାଇଁ କେତେ ଟାଇମ ଲାଗିବ ସବୁକିଛି ଦେଖି ନିଷ୍ପତି ନେବାକୁ ପଡେ।ସେଥିପାଇଁ ବେସି ଫିଲ୍ମ କରି ପାରେନି।

ପ୍ରଶ୍ନ-ଏବେ ଆପଣଙ୍କ ର ମହଶ୍ରି ଫିଲ୍ମ ଫିଲ୍ମ ମୁକ୍ତିଲାଭ ଜରିଛି, କେତେ chalanging ଥିଲା ଚରିତ୍ର।?

ଉତ୍ତର- ବହୁତ chalanging ଥିଲା କାରଣ ମହଶ୍ରି ରେ ମୋ ଚରିତ୍ର ଯଇରାଜଗୁରୁ ଙ୍କର ଅଛି ଯାହାକି ବହୁତ ବଳିଷ୍ଠ,ଫିଜିକାଲି ଓ ମେଣ୍ଟାଲି ଚରିତ୍ର କୁ ପରଦା ଦେଖାଇବା ଏତେ ସହଜ ନଥିଲା।ସ୍ୱାଧୀନତା ସଂଗ୍ରାମ କୁ ନେଇ ଓଡ଼ିଆ ଫିଲ୍ମ ପ୍ରାୟ ହୋଇନାହିଁ।

ପ୍ରଶ୍ନ-ପ୍ରଫେସନ ରେ ଆପଣ ସଫ୍ଟୱାରେ ଇଞ୍ଜିନିୟର,ଅଭିନୟ କୁ କରିୟର କାଇଁ କଲେନି ?

ଉତ୍ତର- ଯେହେତୁ ମୁଁ ଆଇ.ଟି ରେ ଚାକିରୀ କରୁଥିଲି ମୋ ପାଇଁ ଫିଲ୍ମ ଲାଇନି ପୁରା ନୂଆ ଥିଲା ମୁଁ କୌଣସି ପ୍ଲାନିଂ କରିକି ଲାଇନି କୁ ଆସିନି, ଏଥିପାଇଁ ଚାକିରୀ ଛାଡିବା ନିଷ୍ପତି ନେଲିନାହିଁ।

ପ୍ରଶ୍ନ-ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରି ରେ ମହଶ୍ରି ଭଳି ଫିଲ୍ମ କମ ଆସୁଛି କଣ ପାଇଁ, ନିର୍ମାତା ରିସ୍କ ନେବାକୁ ଡରନ୍ତି କି ?

ଉତ୍ତର-ନାଇଁ ଏବେ ପରିବର୍ତନ ହେଲାଣି ମୌଳିକ କାହାଣୀ କୁ ନେଇ ଫିଲ୍ମ ହେଉଛି କିନ୍ତୁ ଐତିହାସିକ କାହାଣୀ କୁ ନେଇ କମ ଫିଲ୍ମ ହୋଇଛି।

ପ୍ରଶ୍ନ-ଯଦି ଏବେ ପୁଣି ଚନ୍ଦନ ଙ୍କୁ ଲଭ ଷ୍ଟୋରୀ କାହାଣୀ ଦିଆ ଯାଏ କରିବେ କି ?

ଉତ୍ତର-ଲଭ ଷ୍ଟୋରୀ କରିବାରେ ଅସୁବିଧା ନାହିଁ, ଦେଖିବାର ଅଛି ସେଇଟା କେଉଁ ପ୍ରକାର ଲଭ ଷ୍ଟୋରୀ ଯଦି ଚିରାଚରିତ ଲଭ ହୋଇଥାଏ ଯାହା ପନ୍ଦର ବର୍ଷ ହେବ ଚାଲୁଛି ତାହାଲେ ସେଇଟା ମୁଁ କରିବା ଦରକାର ନାହିଁ ବହୁତ ନୂଆ ପିଲା ଅଛନ୍ତି।


ପ୍ରଶ୍ନ-ଓଡ଼ିଆ ଇଣ୍ଡଷ୍ଟ୍ରି ରେ କାହାକୁ ଗୁରୁ ବୋଲି ମାନନ୍ତି-ସଞ୍ଜୟ ଭାଇ ଙ୍କୁ ମାନେ ଯେକି ମତେ ପ୍ରଥମେ ମତେ ସୁଯୋଗ ଦେଇଥିଲେ ଆଉ ମୁନା ଭାଇ ଙ୍କ ଠୁ ବହୁତ କିଛି ଶିଖିଛି।

ପ୍ରଶ୍ନ-ଷ୍ଟାଇଲିସ ଆକ୍ଟର ଚନ୍ଦନ ଙ୍କ ଫିଟନେସ ର ରାଜ୍ କଣ ?

ଉତ୍ତର-ମୁଁ ବହୁତ ହାର୍ଡ ୱାର୍କ କରେ ଏମିତି ନୁହେଁ କି ଜଣେ ଫିଲ୍ମ ଲାଇନି ରେ ଅଛି କି ଗ୍ଲାମର ଦୁନିଆ ରେ ଅଛି ବୋଲି ନିଜକୁ ଫିଟ ରଖିବ, ସମସ୍ତେ ନିଜକୁ ଫିଟ ରଖିବା ଦରକାର।

ପ୍ରଶ୍ନ-ମହଶ୍ରି ଫିଲ୍ମ ଓଡ଼ିଆ ଇଣ୍ଡଷ୍ଟ୍ରି କୁ ଦମନ ର କ୍ରେଜ ଦେଇ ପାରିବ କି ?

ଉତ୍ତର-ଦେଖନ୍ତୁ ଦିଟା ଯାକ ପୁରା ଅଲଗା ଟାଇପ ର ଫିଲ୍ମ,ମୁଁ କୋଉ ପଲଟିକାଲ ପାଟି କୁ ନେଇ ଫିଲ୍ମ କରିନି କି ସରକାରୀ ପ୍ରୋଗ୍ରାମ କୁ ନେଇ ଫିଲ୍ମ କରିନି, ଦମନ ଫିଲ୍ମ ମେଲେରିଆ ଦମନ ପ୍ରୋଗ୍ରାମ କୁ ନେଇ ଥିଲା ତାକୁ ରାଜ୍ୟ ସରକାର ପ୍ରଚାର କରିବା ସାଧାରଣ କଥା।ମୋ



ଫିଲ୍ମ କୁ ମୁଁ କାହା ସହ ତୁଳନା କରିବାକୁ ଚାହେଁନି।

ପ୍ରଶ୍ନ-castingcauch କି କପି ଫିଲ୍ମ ଓଡ଼ିଆ ଇଣ୍ଡଷ୍ଟ୍ରି ର ବିନାଶ ର କାରଣ ହେବ କି ?

ଉତ୍ତର-ମୋ ଅନୁଭୁତି ରେ castingcauch କେବେ ଦେଖି ନାହିଁ କେବଳ ଯେ କପି ଫିଲ୍ମ ପାଇଁ ଇଣ୍ଡଷ୍ଟ୍ରି ଚାଲୁନି ତାହା ନୁହେଁ ପ୍ରେକ୍ଷାଳୟ ସଂଖ୍ୟା ବି କମି ଗଲାଣି।

ପ୍ରଶ୍ନ-ଆଗକୁ ଚନ୍ଦନ ଙ୍କୁ ଆମେ କେଉଁ ଚରିତ୍ର ରେ ଦେଖିବାକୁ ପାଇବୁ ?

ଉତ୍ତର-ଆଗକୁ ମୋର କଳାପାହାଡ ଫିଲ୍ମ ଆସୁଛି ଯାହାକି ଐତିହାସିକ କାହାଣୀ।




# ରତିଭା ଦେଖାଇଲେ କୁନି କୁନି ବୈଜ୍ଞାନିକ



ଅସ୍ତରଙ୍ଗ,(ପି.ଏନ): ଛାତ୍ର ଛାତ୍ରୀ ଙ୍କ ଭିତରେ ଥିବା ବୈଜ୍ଞାନିକ ଚିନ୍ତାଧାରା ବିକାଶ ଲକ୍ଷ୍ୟରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜ୍ଞାନ ବିଜ୍ଞାନ ମେଳା ଆୟୋଜିତ ହୋଇଥିଲା.କାକଟପୁର ନିର୍ବାଚନ ମଣ୍ଡଳୀର ୬ ଟି ବିଦ୍ୟାଳୟ ଯୋଗେଶ୍ୱରପୁର ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, କାକଟପୁର ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ଓଥକା ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ଆମପଡା ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ବାଲିଦୋକାନ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ଅସ୍ତରଙ୍ଗ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଛାତ୍ର ଛାତ୍ରୀ ଭାଗ ନେଇ ପ୍ରତିଭା ଦେଖାଇଥିଲେ। କିଏ ସୋଲାର ପ୍ୟାନେଲ ତିଆରି କରିଛି, କିଏ ସ୍ମାର୍ଟ ଭିଲେଜ କରି ଦେଖାଇଚ। ଏହି ଦିନିକିଆ ବିଜ୍ଞାନ ମେଳାରେ ୭୯ଟି ପ୍ରକଳ୍ପ ସାମିଲ ହୋଇଥିବା ବେଳେ ୧୧୨ଜଣ ପ୍ରକଳ୍ପଧାରୀ ଭାଗ ନେଇଥିଲେ. ପିଲାମାନେ ନିଜ ବୁଦ୍ଧିରେ ତିଆରି କରିଥିବା ପ୍ରୋଜେକ୍ଟ ଗୁଡିକୁ ଅତିଥି ବୁଲି ଦେଖିବା ସହ ବିଜ୍ଞାନ ଓ ଗଣିତ ସମ୍ବନ୍ଧୀୟ ବିଷୟରେ ଆଲୋଚନା କରିଥିଲେ। ଉଦାଯାପନୀ ସମୟରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତି ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ ନାୟକ, ମୁଖ୍ୟ ବକ୍ତା ବିଭାଗ ନିରୀକ୍ଷକ ପ୍ରସନ କୁମାର ମହାନ୍ତି, ସଂମାନୀତ ଅତିଥି ବିଦ୍ୟାଳୟ ସଭାପତି ଅଜିତ କୁମାର ବିଶ୍ୱାଳ, ସଂକୁଳ ପ୍ରମୁଖ ସୁରେନ୍ଦ୍ର କୁମାର ମାଣିକ ଥିବା ସଭା ପରିଚାଳନା କରିଥିଲେ ଅସ୍ତରଙ୍ଗ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଭୀମସେନ ରାୟ। ଶେଷରେ କୃତି ପ୍ରକଳ୍ପଧାରୀ ଙ୍କୁ ପୁରସ୍କୃତ କରାଯାଇଥିଲା।

## କୁଡୁମୁଲୁଗୁମ୍ମା ଡିଗ୍ରୀ ମହାବିଦ୍ୟାଳୟରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

ମାଲକାନଗିରି, (ପି.ଏନ): କୁଡୁମୁଲୁଗୁମ୍ମା ସ୍ଥିତ ଡାରଉଇନ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ହେବାକୁ ଥିବା ସପ୍ତାହ ବ୍ୟାପି ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଏହି ଅଂଚଳରେ ଅଧ୍ୟାପନାରତ ଜଣେ ଅବସରପ୍ରାପ୍ତ ଭାରତୀୟ ସୈନିକ ହର ପ୍ରସାଦ ସ୍ୱାଇଁଙ୍କୁ ବିଶିଷ୍ଟ ଅତିଥି ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା ବେଳେ ସମାଜସେବୀ ଭଗବାନ ସାହୁଙ୍କୁ ମଧ୍ୟ ଅନୁରୂପ ସମ୍ବର୍ଦ୍ଧନା କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧ୍ୟାପିକା ତଥା ଜାତୀୟ ସେବା ସଂସ୍ଥାର ସହଯୋଜିକା ସଞ୍ଜିତା ଖୋସଲା, ଶ୍ରୀଦେବୀ ପରିଡା, ଅଧ୍ୟାପକ ବିଶ୍ୱଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ଏବଂ ଏଥିରେ ମହାବିଦ୍ୟାଳୟର ପାଖାପାଖି ୫୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ସର୍ବ ପ୍ରଥମେ ମାଟି ମା କୁ ପ୍ରଣାମ ସହ ଦେଶର ବୀର ସହୀଦ ମାନଙ୍କ ଉଦ୍ଦେଶ୍ୟରେ ସ୍ମୃତି ଚାରଣ କରାଯାଇଥିଲା।

# କେବଳ ଆକସନ୍ ପ୍ରେମୀ ନୁହନ୍ତି, ସବୁ ଶ୍ରେଣୀର ଦର୍ଶକଙ୍କୁ ରୋମାଞ୍ଚିତ କରିବ 'କମାଣ୍ଡୋ' : ପ୍ରେମ୍ ପରିଜା

ଭୁବନେଶ୍ୱର,(ପି.ଏନ): ଦେଶର ଲୋକପ୍ରିୟ ଓଟିଟି ପ୍ଲାଟଫର୍ମ ଡିଜନି+ ହଟଷ୍ଟାରରେ ୱେବସିରିଜ୍ 'କମାଣ୍ଡୋ' ଶୁକ୍ରବାର ରିଲିଜ୍ ହୋଇଛି। ଏହାର ଦିନକ ପରେ 'କମାଣ୍ଡୋ'ର ପ୍ରମୋସନ୍ ଲାଗି ଭୁବନେଶ୍ୱର ଆସି ପହଞ୍ଚିଛନ୍ତି ଏଥିରେ ମୁଖ୍ୟ ଭୂମିକାରେ ଥିବା ଓଡିଆ ପୁଅ ପ୍ରେମ୍ ପରିଜା। ଗତକାଲି ରାଜଧାନୀ ଦିଲ୍ଲୀରେ ଅନୁଷ୍ଠିତ ହୋଇଥିବା ହାଇଅକ୍ଟେନ୍ ଆକ୍ସନ୍ ଡ୍ରାମା 'କମାଣ୍ଡୋ'ର ଗ୍ରାଣ୍ଡ ଲଞ୍ଚିଂରେ ଯୋଗ ଦେଇ ସିଧା ଜନ୍ମମାଟି ଓଡିଶାକୁ ଆସିଛନ୍ତି ପ୍ରେମ। ଆଉ ଏଥିସହ ଜାତୀୟସ୍ତରର ଓଟିଟି ପ୍ଲାଟଫର୍ମରେ ପ୍ରଦର୍ଶିତ କୌଣସି ୱେବସିରିଜରେ ମୁଖ୍ୟଚରିତ୍ରରେ ଅଭିନୟ କରିଥିବା ପ୍ରଥମ ଓଡିଆ କଳାକାର ହେବାର ଗୌରବ ମଧ୍ୟ ଅର୍ଜନ କରିଛନ୍ତି ସେ। ଗତକାଲି ଡିଜନି+ ହଟଷ୍ଟାରରେ 'କମାଣ୍ଡୋ'ର ପ୍ରସାରଣ ଆରମ୍ଭ ହୋଇଛି। ଏହି ଅବସରରେ ପ୍ରେମ୍ କହନ୍ତି-''ଲଞ୍ଚିଂ ଇଭେଣ୍ଟ ପରେ ମୁଁ ଓ ବିପୁଲ ସାର୍ ଦେଶ ଲାଗି ଜୀବନ ଦେଇଥିବା ବୀର କମାଣ୍ଡୋମାନଙ୍କ ସ୍ମୃତି ବହନ କରୁଥିବା ଦିଲ୍ଲୀସ୍ଥିତ ଜାତୀୟ ଯୁଦ୍ଧ ସ୍ମାରକୀକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛୁ। ମୁଁ ଯେଉଁସ୍ଥାନକୁ ଯାଉଛି, ମତେ ବହୁତ ଶ୍ରଦ୍ଧା ଓ ଆଶୀର୍ବାଦ ମିଳୁଛି, ଆଉ ମୋ ଜନ୍ମମାଟି ଓଡିଶାରେ ମଧ୍ୟ ମତେ ସେଭଳି ଭଲପାଇବା ମିଳିବ ବୋଲି ଆଶା କରୁଛି।''ଏଭଳି ଏକ ବଡ ପ୍ରୋଜେକ୍ଟରେ ସୁଯୋଗ ପାଇବା ପ୍ରସଙ୍ଗରେ ସେ କହିଛନ୍ତି- ''ମୁଁ କିଛି ବର୍ଷ ହେଲା ମୁମ୍ବାଇରେ ରହି ଅଭିନୟର ପ୍ରଶିକ୍ଷଣ ନେଉଥିଲି ଏବଂ ବିଭିନ୍ନ ଫିଲ୍ମ ଓ ସିରିଜରେ ସହକାରୀ ନିର୍ଦ୍ଦେଶକ ଭାବେ କାମ କରୁଥିଲି। ବିପୁଲ୍ ଶାହଙ୍କ 'କମାଣ୍ଡୋ' ପାଇଁ ଅଡିସନ୍ ହେଉଥିବା ଜାଣି ସେଥିରେ ଅଂଶଗ୍ରହଣ କଲି। ମୋ ଭଳି ୧୧୦୦୦ କଳାକାର ମୁଖ୍ୟଭୂମିକା ପାଇଁ ଅଡିସନ୍ ଦେଇଥିଲେ। ଯଦିଓ ମୋର ପୂରା ପ୍ରସ୍ତୁତି ଥିଲା କିନ୍ତୁ ମତେ ଯେ ନିର୍ଦ୍ଦେଶକ ବାଛିବେ ତାହା ମୁଁ ଭାବି ପାରୁ ନଥିଲି। ଶେଷରେ ମୁଁ ସଫଳ ହେଲି। ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଏହା ସମ୍ଭବ ହେଲା । ଆଜି ପୁରୀ ଯାଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନକରି କୃତଜ୍ଞତା ଜଣାଇଛି। ପିଲାଦିନେ ଟିଭି ସାମ୍ନାରେ ବସି ଘରେ କହୁଥିଲି କି ଦିନେ ମୁଁ ହିରୋ ହେବି,ଆଉ ଆଜି ମୋର ସେ ସ୍ୱପ୍ନ ସଫଳ ହୋଇଛି।'' ଫିଲ୍ମ ଇଣ୍ଡଷ୍ଟ୍ରିରେ ଜଣେ ସହକାରୀ-ନିର୍ଦ୍ଦେଶକରୁ କ୍ୟାରିୟର ଆରମ୍ଭ କରି ପରେ ଅଭିନୟ କ୍ଷେତ୍ରରେ ପାଦ ରଖିଥିବା ପ୍ରେମ୍ ନିଜର ପ୍ରଥମ ବଡ ସଫଳତା ବିଷୟରେ କହନ୍ତି-'' ମୁଁ ଏହି ୱେବସିରିଜରେ ଜଣେ କମାଣ୍ଡୋର ଭୂମିକା ତୁଲାଇଛି। ଆପଣମାନେ ଜାଣନ୍ତି କମାଣ୍ଡୋମାନେ କୌଣସି ଅପରେସନରେ ଥିବା ବେଳେ କିପରି ପ୍ରତିକୂଳ ପରିସ୍ଥିତିର ସାମ୍ନାକରି ଅତ୍ୟନ୍ତ କଷ୍ଟସାଧ୍ୟ ମନେ ହେଉଥିବା କାମକୁ ନିଜ ଦକ୍ଷତା ବଳରେ ସଫଳ କରନ୍ତି। ସେଭଳି ଏକ ଚରିତ୍ରର ଉଚିତ ରୂପାୟନ ଉଭୟ ଶାରୀରିକ ଓ ମାନସିକ ଦୃଷ୍ଟିରୁ ଏକ ବଡ ଚାଲେଞ୍ଜ ଥିଲା। ଏଣୁ ଏପରି ଏକ ଚରିତ୍ରକୁ ଦର୍ଶକଙ୍କ ନିକଟରେ ବାସ୍ତବ ଭାବେ ତୋଳି ଧରିବା ଲାଗି ମୁଁ ଶତପ୍ରତିଶତ ପ୍ରଚେଷ୍ଟା କରିଛି।'' ଏହି ବହୁଚର୍ଚ୍ଚିତ ୱେବସିରିଜର ନିର୍ଦ୍ଦେଶନା ଓ ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ବିପୁଲ୍ ଅମୃତଲାଲ ଶାହ। ଅଦା ଶର୍ମା, ଅମିତ ସିଆଲ, ତିଗ୍ମାଂଶୁ ଧୁଲିଆ, ମୁକେଶ ଛାବ୍ରା ପ୍ରମୁଖ ଏଥିରେ ମୁଖ୍ୟ ଭୂମିକାରେ ନଜର ଆସିବେ। ସେହିପରି ବୈଭବ ତତ୍ୱବାଦୀ, ଶ୍ରେୟା ସିଂହ ଚୌଧୁରୀ ଓ ଇସ୍ତେୟାକ୍ ଖାନ୍ ମଧ୍ୟ ବିଭିନ୍ନ ଭୂମିକାରେ ଏଥିରେ ଅଭିନୟ କରିଛନ୍ତି।୨୦୧୩ ମସିହାରେ ପ୍ରଥମେ 'କମାଣ୍ଡୋ' ଫ୍ରାଞ୍ଚାଇଜି ଆରମ୍ଭ ହୋଇଥିଲା। ପ୍ରଥମ ସିରିଜ୍ 'କମାଣ୍ଡୋ-ଏ ୱାନ୍ ମ୍ୟାନ୍ ଆର୍ମି'ରେ ବିଦ୍ୟୁତ୍ ଜମୱାଲ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ପ୍ରାୟ ୧୦ ବର୍ଷ ଧରି 'କମାଣ୍ଡୋ'ର ବିଭିନ୍ନ ସଂସ୍କରଣ ଆକ୍ସନ ପ୍ରେମୀ ଦର୍ଶକଙ୍କ ପ୍ରଥମ ପସନ୍ଦ ହୋଇ ରହିଆସିଛି।

# ୱାଇଏମ୍‌ସିଏ ପରିସରରେ ଆନ୍ତସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା



ଭୁବନେଶ୍ୱର : ୱାଇଏମ୍‌ସିଏ ଭୁବନେଶ୍ୱର ପକ୍ଷରୁ ଆନ୍ତସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତା ୧୨ ତାରିଖ ଦିନ ଅନୁଷ୍ଠିତ ହୋଇଥିଲା । ଏଥିରେ ଷ୍ଟାଣ୍ଡାଡ୍ ୧ ରୁ ୮ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ପ୍ରତିଯୋଗିତାକୁ ୩ ଭାଗରେ ବିଭକ୍ତ କରାଯାଇଥିଲା । ପ୍ରଥମ ଗ୍ରୁପ୍ ଷ୍ଟାଣ୍ଡାଡ୍ ୧ ରୁ ୨ ଶ୍ରେଣୀ, ଗ୍ରୁପ୍ -ବି ଷ୍ଟାଣ୍ଡାଡ୍ ୩ ରୁ ଷ୍ଟାଣ୍ଡାଡ୍ ୫ ଏବଂ ଗ୍ରୁପ୍ ସି ଷ୍ଟାଣ୍ଡାଡ୍ ୬ ରୁ ୮ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ବିଭକ୍ତିକରଣ କରାଯାଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ପ୍ରାୟ ୪୦୦ ପ୍ରତିଯୋଗୀ ଏଥିରେ ଅଂଶ୍ରଗହଣ କରିଥିଲେ । ରାଜଧାନୀର ୧୫ଟି ସ୍କୁଲରୁ ଏହି ଛାତ୍ରଛାତ୍ରୀମାନେ ଯୋଗଦାନ କରିଥିଲେ । କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅଗଷ୍ଟ ୧୫ ତାରିଖ ଦିନ ପତାକା ଉତ୍ତୋଳନ ସମୟରେ ପୁରସ୍କୃତ କରାଯିବ ବୋଲି ୱାଇଏମ୍‌ସିଏର ସାଧାରଣ ସମ୍ପାଦକ ସୁଧାଂଶୁ ନାୟକ ଏକ ପ୍ରେସ୍ ଇସ୍ତାହାରରେ ପ୍ରକାଶ କରିଛନ୍ତି । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୧୫ଟି ସ୍କୁଲର ଛାତ୍ରଛାତ୍ରୀ, ଅବିଭାବକ, ଶିକ୍ଷକ / ଶିକ୍ଷୟତ୍ରୀ ଓ ଅଧ୍ୟକ୍ଷ ମାନଙ୍କୁ ପୁର୍ନବାର ଶ୍ରୀ ନାୟକ ସହଯୋଗ କରିଥିବାରୁ ଧନ୍ୟବାଦ ପ୍ରଦାନ କରିଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ, ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ୱାଇଏମ୍‌ସିଏ ସଦାସର୍ବଦା ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରିଥାଏ । ରାଜଧାନୀରେ ଏଭଳି କାର୍ଯ୍ୟକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ପ୍ରଶଂସା କରିଛନ୍ତି।

# ଦୁଇ ପରିବାରକୁ ସମବେଦନା ଜ୍ଞାପନ କଲେ ସାନଖେମୁଣ୍ଡି ବିଧାୟକ



କୁକୁଡାଖଣ୍ଡି(ଇପିଲି ପୂର୍ଣ୍ଣଚନ୍ଦ୍ର): କୁକୁଡାଖଣ୍ଡି ବ୍ଲକ୍ କୁକୁଡାଖଣ୍ଡି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁକୁଡାଖଣ୍ଡି ଗ୍ରାମ ର ଇପିଲି ନାରାୟଣ ଙ୍କ ପ୍ରିୟ ଭଣଜା ଦାସିରୀ କୃଷ୍ଣମୂର୍ତ୍ତିଙ୍କ ଗାଡି ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା କଥା ଶୁଣି ଶୋକାକୁଳ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇଲେ ମାନ୍ୟବର ସାନଖେମୁଣ୍ଡି ବିଧାୟକ ତଥା ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି ସଭାପତି ରମେଶ ଚନ୍ଦ୍ର ଜେନା। ସେହିପରି ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ କୁକୁଡାଖଣ୍ଡି ଗ୍ରାମପଞ୍ଚାୟତ ର ପୂର୍ବତନ ସରପଂଚ୍ ଆଲାମ୍ ସେଠୀ ରୁଷି ଙ୍କ ସ୍ତ୍ରୀ ଙ୍କ ଅକାଳ ବିୟୋଗ ରେ ଶୋକାକୁଳ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇଲେ ମାନ୍ୟବର ସାନଖେମୁଣ୍ଡି ବିଧାୟକ ତଥା ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି ସଭାପତି ରମେଶ ଚନ୍ଦ୍ର ଜେନା।ବିଧାୟକ ଙ୍କ ସହ କୁକୁଡାଖଣ୍ଡି ବ୍ଲକ କଂଗ୍ରେସ ସଭାପତି ପି ଶିବପ୍ରସାଦ ଦୋରା ଓ କୁକୁଡାଖଣ୍ଡି ଗ୍ରାମ ପଞ୍ଚାୟତ ର ପୂର୍ବତନ ସରପଂଚ୍ ଦୁଇ ଅଦଲ ଭରତ ଓ ସୁଦର୍ଶନ ସେଠୀ ଓ କୁକୁଡାଖଣ୍ଡି ଗ୍ରାମ ପଞ୍ଚାୟତ ର ସାଧାରଣ ଜନତା ଉପସ୍ଥିତ ଥିଲେ।

# ଅସ୍ତରଙ୍ଗ ବ୍ଲକର ୧୩୧ ବିଦ୍ୟାଳୟ ରେ ଅଭିଭାବକ ଶିକ୍ଷକ ବୈଠକ

## *ଛାତ୍ର ଛାତ୍ରୀଙ୍କ ବୌଦ୍ଧିକ ଗୁଣାବଳୀର ବିକାଶ ଲାଗି ଆଲୋଚନା*



ଅସ୍ତରଙ୍ଗ ,(ପି.ଏନ):-ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକଶିକ୍ଷା ବିଭାଗ ତରଫରୁ ଅସ୍ତରଙ୍ଗ ବ୍ଲକର ସମସ୍ତ ବିଦ୍ୟାଳୟ ରେ ଅଭିଭାବକ -ଶିକ୍ଷକ ତଥା ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଦୁଇଘଣ୍ଟା ଧରି ଅନୁଷ୍ଠିତ ହୋଇଥିଲା। ଶିକ୍ଷା ମାଧ୍ୟମରେ ଛାତ୍ର ଛାତ୍ରୀ ମାନଙ୍କ ବୌଦ୍ଧିକ ଓ ସହ ବୌଦ୍ଧିକ ଗୁଣାବଳୀ ବିକାଶ ଓ ରାଜ୍ୟ ସରକାର ଙ୍କ ତରଫରୁ ଛାତ୍ର ଛାତ୍ରୀ ଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଏହି ବୈଠକ ରେ ଆଲୋଚନା କରାଯାଇଥିଲା।ଏହି ବୈଠକ ରେ ଶୈକ୍ଷିକ ଅଭିବୃଦ୍ଧି ନିମନ୍ତେ ଶିକ୍ଷକ ସାମଗ୍ରୀ ଯୋଗାଣ, ସ୍ୱଚ୍ଛତା ପକ୍ଷ ପାଳନ, ସୁରଭି ଓ ମିଲେଟ ମିଶନ ପ୍ରତିଯୋଗିତା, ଅନଲାଇନି ସୁରକ୍ଷା, ସାଇବର ସଚେତନତା ଓ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ନିରାପତ୍ତା ବ୍ୟବସ୍ଥା, ସ୍ୱଳ୍ପ ଅବଧି ଧନ୍ଦା ମୂଳକ କାର୍ଯ୍ୟକ୍ରମ ଓ ପରାମର୍ଶ ଶିବିର, ଛାତ୍ର ଛାତ୍ରୀ ଙ୍କୁ ମାଗଣା ପୋଷାକ ଅନ୍ୟାନ୍ୟ ଆନୁସାଙ୍ଗିକ ଉପକରଣ, ପିଲାମାନଙ୍କ ମାନସିକ ଚାପ ଓ ଏହାର ଦୂରୀକରଣ ଉପରେ ଆଲୋଚନା କରାଯାଇଥିଲା.ଅସ୍ତରଙ୍ଗ ବ୍ଲକରେ ୧୩୧ଟି ବିଦ୍ୟାଳୟ ରେ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ୩୫୦୦ରୁ ଉର୍ଦ୍ଧ ଅଭିଭାବକ ବୈଠକ ଯୋଗ ଦେଇଥିଲେ। ଅନୁଷ୍ଠିତ ବୈଠକ ରେ ବିଭିନ୍ନ ବିଦ୍ୟାଳୟ ରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରିଣୀ ମମତା ମଞ୍ଜରୀ ଦେଇ, ରାଜଲକ୍ଷ୍ମୀ ପାତ୍ର ଉପସ୍ଥିତ ରହିବା ସହ ବିଭିନ୍ନ କ୍ଲଷ୍ଟର ସ୍ତରରେ ସି. ଆର. ସି ବୈଠକ ରେ ଯୋଗ ଦେଇଥିଲେ। ଏହି ଭଳି ଅଭିଭାବକ -ଶିକ୍ଷକ ବୈଠକ କୁ ଅଭିଭାବକ ମାନେ ପ୍ରଶଂସା କରିଥିଲେ।


MAHARISHI PUBLIC SCHOOL

2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक
Bhubaneswar Sunday August 13, 2023 ଭୁବନେଶ୍ୱର ରବିବାର, ଅଗଷ୍ଟ ୧୩,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଅଚ୍ୟୁତ ସାମନ୍ତଙ୍କୁ ଗୁଏତମାଲାର ଦୁଇ ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡକ୍ଟୋରେଟ୍

ଭୁବନେଶ୍ୱର, (ପି.ଏନ): ଶିକ୍ଷାବିତ୍ ଓ ସମାଜସେବୀ ଅଚ୍ୟୁତ ସାମନ୍ତଙ୍କୁ ଗୁଏତମାଲାର ଦୁଇଟି ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡକ୍ଟୋରେଟ ଡିଗ୍ରୀ ପ୍ରଦାନ କରାଯାଇଛି। ଗୁଏତମାଲାର ରୁରାଲ ୟୁନିଭରସିଟି ଅଫ୍ ଗୁଏତମାଲା ଓ ମାୟା କାକ୍‌ଚିକେଲ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶ୍ରୀ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟୋରେଟ୍ ପ୍ରଦାନ କରାଯାଇଛି। ଏହା ହେଉଛି ଶ୍ରୀ ସାମନ୍ତଙ୍କର ୫୪ ଓ ୫୫ତମ ସମ୍ମାନସୂଚକ ଡକ୍ଟୋରେଟ୍। ଶିକ୍ଷା ଓ ସମାଜସେବା ବିଶେଷକରି ଜନଜାତି ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ରୁରାଲ ୟୁନିଭରସିଟି ଅଫ୍ ଗୁଏତମାଲାର ରେକ୍ଟର ତଥା ପ୍ରତିଷ୍ଠାତା ଡ. ଫିଡେଲ୍ ରେସ୍ ଲି ବିଶ୍ୱବିଦ୍ୟାଳୟ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ ସାମନ୍ତଙ୍କୁ ୫୪ତମ ଡକ୍ଟୋରେଟ୍ ପ୍ରଦାନ କରିଥିଲେ। ସେହିପରି ମାୟା କାକ୍‌ଚିକେଲ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ନିଆରା ଢ଼ଙ୍ଗରେ ଓ ସ୍ୱତନ୍ତ୍ର ସ୍ଥାନୀୟ ଜନଜାତି ପରମ୍ପରାରେ ଶ୍ରୀ ସାମନ୍ତଙ୍କୁ ଅଭିଷିକ୍ତ କରିବା ପରେ ୫୫ତମ ସମ୍ମାନସୂଚକ ଡକ୍ଟୋରେଟ୍ ପ୍ରଦା



କରାଯାଇଥିଲା। ଏହି ବିଶ୍ୱବିଦ୍ୟାଳୟଟି ଏକ ଜନଜାତି ବିଶ୍ୱବିଦ୍ୟାଳୟ ହୋଇଥିବାରୁ ସେମାନଙ୍କ ପରମ୍ପରା ଅନୁସାରେ ପ୍ରଥମେ ସେମାନଙ୍କ ଦେବତାଙ୍କୁ ପୂଜା କରାଯାଇ ଶ୍ରୀ ସାମନ୍ତଙ୍କୁ ସମ୍ମାନସୂଚକ ଡିଗ୍ରୀ ପ୍ରଦାନ ନିମନ୍ତେ ଅନୁମତି ଅଣାଯାଇଥିଲା। ପରେ ସମ୍ପୂର୍ଣ୍ଣ ସବୁଜିମା ଓ ପ୍ରାକୃତିକ ପରିବେଶରେ ଶ୍ରୀ ସାମନ୍ତ ଏବଂ ତାଙ୍କୁ ମିଳିବାକୁ ଥିବା ସମ୍ମାନସୂଚକ ଡିଗ୍ରୀକୁ ଗୁଏତମାଲାର ଜନଜାତି ପରମ୍ପରା ଅନୁସାରେ ଦୀର୍ଘ ୪ଘଣ୍ଟା ପୂଜାର୍ଚ୍ଚନା କରାଯାଇଥିଲା। ଏକ ନିଆରା ଢ଼ଙ୍ଗରେ ହୋମ କରାଯାଇଥିଲା। କାର୍ଯ୍ୟକ୍ରମରେ ମାୟା କାକ୍‌ଚିକେଲ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା, ସେଠାକାର ନୋବେଲ୍ ବିଜେତା, ଗୁଏତାମାଲାରେ ଅବସ୍ଥିତ ଭାରତୀୟ ରାଷ୍ଟ୍ରଦୂତ ଏବଂ ବିଶ୍ୱବିଦ୍ୟାଳୟର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## କୁଳତା ପଡ଼ା ବିଦ୍ୟାଳୟ ରେ ଅଭିଭାବକ କମିଟି ବୈଠକ, ବିଭିନ୍ନ ସମସ୍ୟା ଉପରେ ଆଲୋଚନା

ଖପ୍ରାଖୋଲ ,(ପି.ଏନ)(ଭୋଜରାଜ ବରିହା) ଖପ୍ରାଖୋଲ ବ୍ଲକ୍ ଓଡ଼ିଆପାଲି ପଞ୍ଚାୟତ କୁଳତା ପଡ଼ା ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଭିଭାବକ ଶିକ୍ଷକ କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ବୈଠକ ରେ ପ୍ରଧାନ ଶିକ୍ଷକ ମଧୁ ଦାସ ଅଧକ୍ଷତା କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋବିନ୍ଦ ସାହୁ, ସରପଞ୍ଚ ପ୍ରତିନିଧି ସୁବାସ ଛୁରା, ଉମାକାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ବିଦ୍ୟାଳୟ ର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବୈଠକରେ ଶତାଧିକ ମହିଳା ପୁରୁଷ ଯୋଗଦେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଯୋଜନା ଆଜି ରାଜ୍ୟର ବିକାଶ: ମନ୍ତ୍ରୀ ପ୍ରୀତିରଂଜନ ଘଡାଇ



ଦର୍ପଣ ,(ପିଏନ): ଆଜି ଚଣ୍ଡିଖୋଲ ଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଯାଜପୁର, କେନ୍ଦ୍ରାପଡା ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଉଦଘାଟିତ ହୋଇଛି । ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ଇଂ ପ୍ରିତୀ ରଂଜନ ଘଡାଇ ଯୋଗଦେଇ ଏହି କାର୍ଯ୍ୟାଳୟ ଯାଜପୁର ଜିଲ୍ଲାର ୧୦ଟି ବ୍ଲକ, କେନ୍ଦ୍ରାପଡା ଜିଲ୍ଲାର ୯ଟି ବ୍ଲକରେ ହେଉଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ସମସ୍ତ ନିର୍ମାଣ କାର୍ଯ୍ୟ ତଦାରଖ କରିବା ସହିତ ଆଗାମୀ ଦିନରେ ୧୬୦ କୋଟି ଟଙ୍କା ବ୍ୟୟରେ ୪୧ଟି ବିଜୁ ସେତୁ ନିର୍ମାଣ ହେବା ସହିତ ୨ଟି ଜିଲ୍ଲାର ଗମନାଗମନ ଓ ପରିବହନ କ୍ଷେତ୍ରରେ ସହାୟକ ହେବା ସହିତ ୨ଟି ଜିଲ୍ଲାର ଆର୍ଥିକ ବିକାଶରେ ସହାୟକ ହେବ । ୨.୫୪ କୋଟି ଟଙ୍କା ବ୍ୟୟରେ ନିର୍ମାଣ ଏହି କାର୍ଯ୍ୟାଳୟଟି ଉନ୍ନୟନ କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିବ। ସମ୍ମାନୀତ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଅକ୍ଷୟ କୁମାର ପ୍ରଧାନ ନିର୍ମାଣଧୀନ ସ୍ଥାନରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ରହି କାର୍ଯ୍ୟର ମାନ ଠିକ କରିବା ସହିତ ଠାକଦାରମାନେ ବ୍ୟକ୍ତିଗତ ସ୍ୱାର୍ଥରୁ ଦୁରେଇ ରହି ସାମୁହିକ କାର୍ଯ୍ୟର ଉନ୍ନତି କରିବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଦୁର୍ଗା ପ୍ରସାଦ କର, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଗଣେଶ୍ୱର ବରାଳ, ଜିତେନ୍ଦ୍ର ନାୟକ, ସଭ୍ୟା ଜୟଶ୍ରୀ ସାମଲ, ସସ୍ମିତା ମହାନ୍ତି ଯୋଗଦେଇଥିଲେ। ଶେଷରେ ସଂଜୟ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅର୍ଦ୍ଧ ନିର୍ମିତ କଲ୍ୟାଣ ମଣ୍ଡପ କାର୍ଯ୍ୟ ରେ ଆସୁନି

ନିମାପଡ଼ା,(ପି .ଏନ) ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଛଣିଜଙ୍ଗ ପଞ୍ଚାୟତ ରେ ଏକ କଲ୍ୟାଣ ମଣ୍ଡପ କୁ ତରବରିଆ ଭାବେ ପଞ୍ଚାୟତ ନିର୍ବାଚନ କୁ ଆଖି ଆଗରେ ରଖି ଗତ ଡିସେମ୍ବର ୨୨ ତାରିଖ ୨୦୨୧ ରେ ପୂର୍ବତନ ଗଣଶିକ୍ଷା ମନ୍ତ୍ରୀ ତଥା ନିମାପଡା ବିଧାୟକ ସମୀର ରଞ୍ଜନ ଦାଶ ଫିତା କାଟି, ନଡିଆ ବାଡେଇ ଉଦଘାଟନ କରିଥିଲେ । ଛଣିଜଙ୍ଗ ପଞ୍ଚାୟତର କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହୋଇ ଝରକା , କବାଟ ,ପାଇଖାନା ,ଇଲେକ୍ଟ୍ରି ଓଆରିଙ୍ଗ ,ସହିତ ପାଇଖାନା ଟାଙ୍କି କାମ ଶେଷ ନ ହୋଇ କିପରି ଉଦଘାଟନ ହେଲା ତାହାହିଁ ସାଧାରଣ ରେ ପ୍ରଶ୍ନବାଚି ସୃଷ୍ଟିକରିଛି ।ପଞ୍ଚାୟତ ନିର୍ବାଚନ ରେ ପଞ୍ଚାୟତର ସାଧାରଣ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଏପରି କରିଛନ୍ତି ବୋଲି ସର୍ବସାଧାରଣରେ ଚର୍ଚ୍ଚା ହେଉଛି । ଏହି ମଣ୍ଡପ ୧ ବର୍ଷ ୮ ମାସ ହେବ ଉଦଘାଟନ ହୋଇଥିଲେ ମଧ ଏପର୍ଯ୍ୟନ୍ତ ଲୋକ ଙ୍କ କାର୍ଯ୍ୟ ରେ ଆସୁନାହିଁ । ମଣ୍ଡପ ସାମ୍ନା ରେ ହୋଇଥିବା ପୁଟୀକା ରେ ଛାତ ନ ପଡି କାମ ଦୀର୍ଘ ଦିନ ଧରି ବନ୍ଦ ରହିଛି । ଉକ୍ତ ପଞ୍ଚାୟତ ମଣ୍ଡପଟି କାମ ନ ହୋଇ ମେଲା ଖୋଲା ରହୁଥିବା ଯୋଗୁଁ ଏଠାରେ ସଂଧା ହେଲେ ଅସାମାଜିକ ବ୍ୟକ୍ତି ଙ୍କ ଆଡ୍ଡା ଜମୁଛି।

# ବାବା ଭୈରବାନନ୍ଦ ମହାବିଦ୍ୟାଳୟର ୪୮ତମ ପ୍ରତିଷ୍ଠା ଦିବସ

ଦର୍ପଣ,(ପିଏନ): ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟର ୪୮ତମ ପ୍ରତିଷ୍ଠା ଦିବସ ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ପ୍ରାଧ୍ୟାପକ ବିନାୟକ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶା ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ତଥା ଗ୍ରାମ ଉନ୍ନୟନ ବିଭାଗୀୟ ମନ୍ତ୍ରୀ ପ୍ରୀତି ରଂଜନ ଘଡାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ବିକଶିତ କରି ନିଜେ ପରିଚିତ ହେବା ସହିତ ସମାଜର ସେବା କରିବାକୁ ଆହ୍ୱାନ କରିବା ସହିତ ଛାତ୍ରଛାତ୍ରୀମାନେ ଚାକିରି ପଛରେ ନଗୋଡାଇ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିବାକୁ ଆହ୍ୱାନ ଦେଇଥିଲେ ।ଏଥିରେ ବଡଚଣା ବିଧାୟକଅମର ପ୍ରସାଦ ଶତପଥି ସମ୍ମନୀତ ଅତିଥି ଭାବେ ଯୋଗଦେଇ ଭୌଗଳିକ ଦୃଷ୍ଟିକୋଣରୁ ଚଣ୍ଡିଖୋଲ ଭବିଷ୍ୟତରେ ଶିକ୍ଷା ହବ ହେବା ସହିତ ଉତ୍କଳ ବିଶ୍ୱ ବିଦ୍ୟାଳୟ ଏହାର ମୁଖ୍ୟ ପୁରୋଧା ହେବ ବୋଲି କହିବା ସହିତ ନିଷ୍ଠା, ଏକାଗ୍ରତା ଓ ଅଧ୍ୟାବସାୟ ଛାତ୍ରଛାତ୍ରୀମାନଙ୍କୁ ସଫଳତାର ଶୀର୍ଷରେ ପହଂଚାଇ ପାରିବ। ଏଥିରେ ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦ ଉପାଧ୍ୟକ୍ଷ ପ୍ରାଧ୍ୟାପକ ଡ. ଅଶୋକ କୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନେ ଶିକ୍ଷା ସହିତ ବୈଷୟିକ ଶିକ୍ଷାକୁ ଉପଯୋଗ



କରିବା ପାଇଁ ଆହ୍ୱାନ ଦେଇଥିଲେ । ପ୍ରାରମ୍ଭରେ କଲେଜ ଅଧକ୍ଷ ଡ. ମନୋଜ କୁମାର ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପୁରାତନ ଛାତ୍ରସଂଘ ସଭାପତି ତଥା ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ଅଧକ୍ଷ ଅଧାପକ ପବିତ୍ର ମୋହନ ମାହାଲା ଯୋଗଦେଇଥିଲେ । ପୁରାତନ ଛାତ୍ର ସଂଘର ସାଧାରଣ ସମ୍ପାଦକ ଆଇବନଜୀବୀ ଦେବରାଜ ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଉତ୍ସବରେ ବଡଚଣା ଅଂଚଳର ଓଡିଶା ପ୍ରଶାସନିକ ସେବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିବା ତପନ ତରାଇ ଓ ମାନସ ସେଠ୍‌ଙ୍କ ସମେତ ଓଡିଶା ନ୍ୟାୟିକ ସେବା ନିମନ୍ତେ ଯୋଗ୍ୟତା ହାସଲ କରିଥିବା ଅନିମେଶ ସାମଲଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା । ଓଡିଆ ସମ୍ମାନ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖି ଉତୀର୍ଣ୍ଣ ହୋଇଥିବା ଛାତ୍ରୀ କ୍ରୀଷ୍ଟା ସାହାଣୀଙ୍କୁ କଲେଜର ପ୍ରାକ୍ତନ ଭାଷା ସାହିତ୍ୟ ବିଭାଗୀୟ ମୁଖ୍ୟ ଡ. ସ୍ୱର୍ଗତ ଧରଣୀଧର ନାୟକଙ୍କ ସ୍ମୃତି କମିଟି ତରଫରୁ ଡ. ବିଦ୍ୟୁତଲତା ନାୟକ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସେହିପରି ପୂର୍ବତନ ଉପଶିକ୍ଷା ନିର୍ଦ୍ଦେଶକ ଉଦୟନାଥ ମହାନ୍ତି ସ୍ମାରକୀ ପକ୍ଷରୁ କଲେଜର ଯୁକ୍ତ ଦୁଇ ବାଣିଜ୍ୟ ଶ୍ରେଣୀର ଛାତ୍ରୀ ଧରିତ୍ରୀ ସାହୁ ଓ ଯୁକ୍ତ ତିନି ବିଜ୍ଞାନ ଶ୍ରେଣୀର ଛାତ୍ରୀ ରୋନାଲୀ ପଣ୍ଡାଙ୍କୁ ଯଥାକ୍ରମେ ଶ୍ରେଷ୍ଠ ବିଦ୍ୟାର୍ଥୀ ଭାବେ ଓ ଉଭୟଙ୍କ ସମେତ ଯୁକ୍ତ ୨ କଳାରେ ସୁସ୍ମିତା ଭୂୟାଁ, ଯୁକ୍ତ ୨ ବିଜ୍ଞାନରେ ଦାମୋଦର ସାହୁ, ଯୁକ୍ତ ୩ କଳାରେ ସଙ୍ଗୀତା ସାମଲ ଓ ଯୁକ୍ତ ୩ ବାଣିଜ୍ୟରେ ସକିନା ପ୍ରବୀନଙ୍କୁ ସଂଘର ପ୍ରାକ୍ତନ କୋଷାଧକ୍ଷ ନିରଂଜନ ଗୋଛାୟତ ସ୍ମାରକୀ ପକ୍ଷରୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା । ଦିଲ୍ଲୀ ଠାରେ ସାଧାରଣତନ୍ତ୍ର ପ୍ୟାରେଡରେ ଭାଗନେଇଥିବା କଲେଜ କ୍ୟାଡେଟ ତପସ୍ୱିନୀ ମହାନ୍ତି ଓ ଶ୍ୟାମ ସୁନ୍ଦର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ସଂଘ ଉପସଭାପତି ଅଧାପକ ସଲିଳ ରାଜନନ୍ଦନ ମହାନ୍ତି ସଂଚାଳନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବ ପୂର୍ବରୁ ବାବା ଭୈରବାନନ୍ଦ ବ୍ରହ୍ମଚାରୀ, ପଣ୍ଡିତ ଉତ୍କଳମଣୀ ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଗୌତମ ବୁଦ୍ଧଙ୍କ ପ୍ରତିମୂର୍ତିରେ ଅତିଥିମାନେ ମାଲ୍ୟାର୍ପଣ ଓ ଚାରା ରୋପଣ କରିଥିଲେ କରିଥିଲେ । କଲେଜରେ ରେଡକ୍ରସ ସହାୟତାରେ ଅନୁଷ୍ଠିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୭୦ ୟୁନିଟ ରକ୍ତ ସଂଗୃହିତ କରାଯାଇଥିଲା । ଏହି ଅବସରରେ କଲେଜ କ୍ୟାଲେଣ୍ଡର ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

# ‘ହର ଘର ତ୍ରୀରଙ୍ଗା’ ଅଭିଯାନ ପରିପ୍ରେକ୍ଷୀରେ ପାରାଦୀପ ବନ୍ଦର ପକ୍ଷରୁ ବାଇକ ରାଲି

ପାରାଦୀପ,(ପି.ଏନ): ଦେଶର ୭୭ତମ ସ୍ୱାଧିନତା ଦିବସ ପାଳନ ଅବସରରେ ଚଳିତ ଅଗଷ୍ଟ ୧୩ ରୁ ୧୫ ତାରିଖ ପର୍ଯ୍ୟ‘ ‘ହର ଘର ତ୍ରୀରଙ୍ଗା’ ଅଭିଯାନ ଅନ୍ତର୍ଗତ ଭାରତର ସମସ୍ତ ନାଗରିକଙ୍କୁ ନିଜ ଘର ଉପରେ ଗର୍ବର ସହ ତ୍ରୀରଙ୍ଗା ପତାକା ଲଗାଇ ନିଜ ମଧ୍ୟରେ ଦେଶପ୍ରେମ ଭାବ ଉଦ୍ରେକ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ପାରାଦୀପ ବନ୍ଦର ପକ୍ଷରୁ ଏକ ସଚେତନତା ବାଇକ ରାଲି ଉଦଘାଟିତ ହୋଇଯାଇଛି । ଶନିବାର ଦିନ ଗୋପବନ୍ଧୁ ଷ୍ଟାଡିୟମ ଠାରେ ବନ୍ଦର ଉପାଧ୍ୟକ୍ଷ ନୀଳଭ୍ର ଦାସଗୁପ୍ତା ସବୁଜ ପତାକା ଦେଖାଇ ଏହି ବାଇକ ରାଲିର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ବାଇକ ରାଲିରେ ପାରାଦୀପ କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା



ବାହିନୀ (ସିଆଇଏସଏଫ) ର ଯବାନ ମାନେ ବହୁ ସଂଖ୍ୟାରେ ଉତ୍ସାହର ସହ ଅଂଶଗ୍ରହଣ କରିଥିବାର ଦେଖିବାକୁ ମିଳିଥିଲା । ସୂଚନା ଥାଉକି ସ୍ୱାଧିନତା ଦିବସ ପାଳନ ପାଇଁ ପାରାଦୀପ ବନ୍ଦର ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ଦୈନିକ ଅପରାହ୍ନରେ ବିଭିନ୍ନ ସ୍କୁଲ, କଲେଜର ଛାତ୍ରଛାତ୍ରୀ ଓ ସିଆଇଏସଏଫ ର ଯବାନ ମାନେ ଗୋପବନ୍ଧୁ ଷ୍ଟାଡିୟମ ଠାରେ ପ୍ୟାରେଡ ଅଭ୍ୟାସ ଜାରି ରଖିଛନ୍ତି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray